# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 August – 2026

**********************************

## <u>ମୁଖ୍ୟ ସମ୍ବାଦ</u>

- ସମାଜର ପ୍ରତ୍ୟେକ ନାଗରିକଙ୍କ ପାଖରେ ସରକାରୀ ସେବା ଓ ନ୍ୟାୟ ସୁନିଶ୍ଚିତ ପାଇଁ ସରକାର ସଂକଳ୍ପବଦ୍ଧ; କହିଲେ ମୁଖ୍ୟମନ୍ତ୍ରୀ

– ଭୁବନେଶ୍ୱରଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର କଲେ ଶୁଣାଣି

- ଶ୍ରାବଣ ମାସ ଶେଷ ସୋମବାରରେ ଜଳଲାଗି ପାଇଁ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

- ପାପଡ଼ାହାଣ୍ଡି ସହିଦ୍‌ଙ୍କ ସ୍ମୃତିରେ ଆଜି ପାଳନ କରାଯାଉଛି ଆତ୍ମୋତ୍ସର୍ଗ ଦିବସ

ଏବଂ

- ଲଘୁଚାପର ପ୍ରଭାବରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ୬ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

– ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୯ଟି ସ୍ଥାନରେ ୧୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ରେକର୍ଡ

# ଅଭିଯୋଗ ଶୁଣାଣି

ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଉତ୍ତରଦାୟୀ ଓ ଜନକୈନ୍ଦ୍ରୀକ କରି ସମାଜର ପ୍ରତ୍ୟେକ ନାଗରିକଙ୍କ ପାଖରେ ସରକାରୀ ସେବା ଓ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ୟୁନିଟ୍-୨ଠାରେ ଆଜି ୨୦ତମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅନଲାଇନ୍‌ରେ ପଞ୍ଜୀକରଣ କରିଥିବା ୬ ହଜାର ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି। ଶ୍ରୀ ମାଝୀ ଜନସାଧାରଣଙ୍କ ସମସ୍ୟା ସିଧାସଳଖ ଶୁଣିବା ସହ ସମୟସୀମା ମଧ୍ୟରେ ତ୍ୱରିତ ଓ ନିର୍ଣ୍ଣାୟକ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇ କହିଛନ୍ତି.... **- V/O -**

ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୪ ମସିହା ଜୁଲାଇ ମାସ ୧ ତାରିଖରୁ ଆଜି ପର୍ଯ୍ୟନ୍ତ ୨ ଲକ୍ଷ ୬୯ ହଜାର ଅଭିଯୋଗ ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୨ ଲକ୍ଷ ୩୩ ହଜାର ଅଭିଯୋଗର ସମାଧାନ କରାଯାଇଛି। ପ୍ରତିଟି ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜିର ଅଭିଯୋଗ ଶୁଣାଣିରେ ୧୬ ଜଣଙ୍କୁ ୧୪ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।

ଶୁଣାଣି ସମୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ଓ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ବିଭାଗୀୟ ଅଭିଯୋଗର ଶୁଣାଣି କରିଛନ୍ତି। ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସରକାରଙ୍କ ପ୍ରମୁଖ ଦାୟିତ୍ୱ। ଅଭିଯୋଗ ଶୁଣାଣି ମାଧ୍ୟମରେ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ହୋଇପାରୁଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ରକୋଷ୍ଠରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ପରବର୍ତ୍ତୀ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସୂଚନା ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

Subarnpur/ Kalahandi

# ଶ୍ରାବଣ ସୋମବାର

ଶ୍ରାବଣ ମାସର ଚତୁର୍ଥ ତଥା ଶେଷ ସୋମବାରରେ ଆଜି ରାଜ୍ୟର ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ କାଉଡିଆଙ୍କ ସମେତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ଭଦ୍ରକର ଆଖଣ୍ଡଳମଣି, ଢେଙ୍କାନାଳର କପିଳାସ ପୀଠ, କଟକର ବାବା ଧବଳେଶ୍ୱରଙ୍କ ପୀଠ, ପୁରୀ ଲୋକନାଥ ମନ୍ଦିର, ବାଲେଶ୍ୱରର ବାବା

ପଞ୍ଚମହାଲିଙ୍ଗେଶ୍ୱର, କୋରାପୁଟର ଗୁପ୍ତେଶ୍ୱର ଆଦି ପୀଠଗୁଡ଼ିକରେ ଶ୍ରଦ୍ଧାଳୁ ଜଳାଭିଷେକ କରୁଛନ୍ତି ।

ନୟାଗଡ଼ ଲଡୁବାବାଙ୍କ ପୀଠରେ କାଉଡ଼ିଆମାନେ ପୂଜାର୍ଚ୍ଚନା କରିବା ସହ ଜଳାଭିଷେକ କରିଛନ୍ତି ।

ସୁବର୍ଣ୍ଣପୁରର ଶତାଧିକ ଶିବ ମନ୍ଦିରରେ ଶ୍ରଦ୍ଧାଳୁମାନେ ଜଳଲାଗି କରିଛନ୍ତି । ମହାନଦୀ ଓ ତେଲନଦୀର ସଂଗମସ୍ଥଳୀ ସ୍ୱର୍ଣ୍ଣପ୍ରୟାଗ ଘାଟ ଓ ବିନିକା ପାପକ୍ଷୟ ଘାଟରୁ ପାଣି ସଂଗ୍ରହ କରି ଶିବଙ୍କ ପାଖରେ ଜଳାଭିଷେକ କରିଛନ୍ତି ।

ରାୟଗଡ଼ା ଜିଲ୍ଲାର ସମସ୍ତ ଶୈବପୀଠରେ ଶ୍ରାବଣ ମାସର ଶେଷ ସୋମବାର ଅବସରରେ ଭକ୍ତମାନେ ଜଳାଭିଷେକ କରିଛନ୍ତି ।

କାଉଡ଼ିଆମାନେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଶୈବପୀଠରେ ପୂଜାର୍ଚ୍ଚନା କରିଛନ୍ତି ।

Desk

## ଓୟୁଏଟି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ– ଓ.ୟୁ.ଏ.ଟି. ଆଜି ତାର ୬୫ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ଅପରାହ୍ନରେ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଏଥିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ

ମଲ୍ଲିକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ୩୩ ଜଣ ମହିଳା କୃଷି ଉଦ୍ୟୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି।

Nabarangpur

## ଆତ୍ମୋତ୍ସର୍ଗ ଦିବସ ପାଳନ

ନବରଙ୍ଗପୁର ଜିଲ୍ଲାର ରକ୍ତତୀର୍ଥ ପାପଡ଼ାହାଣ୍ଡିଠାରେ ଗୁଳିକାଣ୍ଡରେ ଦେଶ ପାଇଁ ଜୀବନକୁ ଉତ୍ସର୍ଗ କରି ଚରମ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନ ଅବସରରେ ଅଗଷ୍ଟ ମାସ ୨୪ ତାରିଖ ଦିନ ମାଧବ ପ୍ରଧାନୀଙ୍କ ନେତୃତ୍ୱରେ ଡାବୁଗାଁ ଅଭିମୁଖେ ଆନ୍ଦୋଳନ ପାଇଁ ଯାଉଥିବା ସମୟରେ ପାପଡ଼ାହାଣ୍ଡିର ଟୁରୀ ନିକଟରେ ବ୍ରିଟିଶ ଗୁଳିରେ ୧୯ ଜଣ ସଂଗ୍ରାମୀ ସହିଦ୍ ହୋଇଥିଲେ। ସେହି ସ୍ମୃତିରେ ୧୯୮୪ ମସିହାରେ ସହିଦ୍ ମୀନାର ନିର୍ମାଣ କରାଯାଇ ସଂଗ୍ରାମୀଙ୍କ ନାମ ଲିପିବଦ୍ଧ କରାଯାଇଥିଲା। ସ୍ୱାଧୀନତାର ଅମୃତ ଯାତ୍ରାରେ ପାପଡ଼ାହାଣ୍ଡିର ସହିଦ୍ଙ୍କ ତ୍ୟାଗ ଆଜି ବି ସମସ୍ତଙ୍କୁ ଦେଶପ୍ରେମ, ସାହସ ଏବଂ କର୍ତ୍ତବ୍ୟ ପାଳନ ପାଇଁ ପ୍ରେରଣା ଯୋଗାଇ ଆସୁଛି।

ଏହି ଅବସରରେ ଭୁବନେଶ୍ୱର ଜୟଦେବ ଭବନଠାରେ ଆଜି ସନ୍ଧ୍ୟାରେ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ଆୟୋଜିତ ହେବ।

କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ମାତୃଭୂମି ପାଇଁ ବଳିଦାନ ଦେଇଥିବା ସହିଦଙ୍କ ବଳିଦାନ ଓ ଦେଶପ୍ରେମ ସର୍ବଦା ଆଗାମୀ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅମର ସହିଦମାନଙ୍କ ସ୍ମୃତିଚାରଣ କରିଛନ୍ତି।

MET

# ପାଣିପାଗ

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ

ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ଯୋଡ଼ାରେ ସର୍ବାଧିକ ୧୬୯ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୨୩ ଦଶମିକ ୦/୬ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୭୫ ହଜାର ୨୪୯ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ଏହି ସମୟ ମଧ୍ୟରେ ୮ଟି ଗେଟ୍ ଦେଇ ୧ ଲକ୍ଷ ୫୩ ହଜାର ୧୫୮ ଘନଫୁଟ ଜଳ ନିଷ୍କାସିତ ହେଉଛି ।

Kendrapada/Desk

## ଜଳସ୍ତର ବୃଦ୍ଧି

ରାଜ୍ୟରେ ୯ଟି ସ୍ଥାନରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଯାଇଛି। ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ସାଳନ୍ଦୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଏହା ଆଜି ସନ୍ଧ୍ୟା ସୁଦ୍ଧା ହ୍ରାସ ପାଇବ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ବୈତରଣୀ ନଦୀରେ ବନ୍ୟା ଯୋଗୁଁ ଅଧିକ କ୍ଷତି ହୋଇଛି। ବରୀ, ଆଳି, ବିଞ୍ଝାରପୁର ଅଞ୍ଚଳର ଲୋକମାନେ ଏବେ ମଧ୍ୟ ଜଳବନ୍ଦୀ ଅଛନ୍ତି। ବ୍ରାହ୍ମଣୀ ନଦୀର ଜଳସ୍ତର ବିପଦ ସଂକେତ ସ୍ତରରେ ପ୍ରବାହିତ

ହେଉଛି। ସୁବର୍ଣ୍ଣରେଖା ନଦୀ ବିପଦ ସଂକେତ ତଳେ ପ୍ରବାହିତ ହେଉଛି ବୋଲି ଶ୍ରୀ ରାଉତ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକର ୬୩ଟି ଗ୍ରାମ ପଞ୍ଚାୟତ ଓ ୧୪୯ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି। ବର୍ତ୍ତମାନ ସୁଦ୍ଧା ୬୫ଟି କେନ୍ଦ୍ର ମାଧ୍ୟମରେ ୧୦ ହଜାର ୫୫୩ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ପାଇଁ ୧୨ଟି ମେଡିକାଲ ଟିମ୍ ନିୟୋଜିତ ହୋଇଛନ୍ତି। ଏଥିସହ ୬ଟି ପଶୁ ଚିକିତ୍ସା ଦଳ ମଧ୍ୟ ନିୟୋଜିତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ, ସ୍ୱାସ୍ଥ୍ୟସେବା, ପାନୀୟଜଳ, ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଦିଆଯାଇ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

ନବରଙ୍ଗପୁର ଜିଲ୍ଲାରେ ଆଜି ବର୍ଷା କମିଥିବାରୁ ବନ୍ୟା ସ୍ଥିତିରେ ସୁଧାର ଆସିଛି। ସମସ୍ତ ନଦୀରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। କୋଷାଗୁମୁଡ଼ା ବ୍ଲକର ୮ଟି ପଞ୍ଚାୟତ  ବିଶେଷ ଭାବେ ପ୍ରଭାବିତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

Bhadrak

## ସାଇବର ସଚେତନତା

ଭଦ୍ରକ ଜିଲ୍ଲା ପୁଲିସ ପକ୍ଷରୁ ବନ୍ତ ବ୍ଲକ ଟିଲୋ ସରକାରୀ ଉଚ୍ଚବିଦ୍ୟାଳୟରେ ସାଇବର ଅପରାଧ ଆଇନ ସମ୍ପର୍କରେ ସଚେତନତା

କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର ଥାନା ଅଧିକାରୀ, ଏସ୍.ଡି.ପି.ଓ. ପ୍ରମୁଖ ଯୋଗଦେଇ ଅନଲାଇନ ବ୍ୟାଙ୍କିଙ୍ଗ ଠକେଇ, ୟୁ.ପି.ଆଇ. ଓ ଓ.ଟି.ପି. ଠକେଇ, ଡିଜିଟାଲ ଆରେଷ୍ଟ ଆଦି ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ।

Boudh

## ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲା କଣ୍ଟାମାଳଠାରେ ଜୁନିୟର ରେଡକ୍ରସ ପକ୍ଷରୁ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା କର୍ମଚାରୀମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବଜ୍ରପାତ ସମୟରେ ନିଜକୁ କିପରି ସୁରକ୍ଷିତ ରଖିବେ ସେଥିପାଇଁ ସଚେତନ କରାଇଥିଲେ। ଏଥିସହ ବଜ୍ରପାତ ସମୟରେ ଜଳାଶୟ, ବିଦ୍ୟୁତ ତାର, ଧାତବ ବସ୍ତୁଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ।

Kandhamal

## ସ୍ମୃତିସଭା

କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅଷ୍ଟାଦଶ ଶ୍ରାଦ୍ଧୋତ୍ସବ ପାଳନ କରାଯାଇଛି । ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଏହି ଅବସରରେ ଏକ ସଂକୀର୍ତ୍ତନ ଶୋଭାଯାତ୍ରା ଏବଂ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରାରେ ୫୦ରୁ ଅଧିକ ସଂକୀର୍ତ୍ତନ ଦଳ ଓ ସମାଜର ବିଭିନ୍ନ ବର୍ଗର ଲୋକ ଯୋଗ ଦେଇଥିଲେ ।

Desk

# ଏସିଆନ୍ ଗେମ୍ସ

ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ -୨୦୨୬ରେ ଓଡ଼ିଆ ଖେଳାଳି ଶ୍ରାବଣୀ ନନ୍ଦ ଓ ଅନିମେଶ କୁଜୁର ଭାରତକୁ ପ୍ରତିନିଧିତ୍ୱ କରିବେ। ମହିଳା ୪୦୦ ମିଟର ରିଲେ ରେସ୍‌ରେ ଶ୍ରାବଣୀ ଭାଗ ନେଉଥିବାବେଳେ ଅନିମେଶ ପୁରୁଷ ବିଭାଗର ୧୦୦ ମିଟର, ୨୦୦ ମିଟର, ମିକ୍ସଡ ୪୦୦ ମିଟର ରିଲେ ପ୍ରତିଯୋଗିତାରେ ଭାଗ ନେବେ। ଆସନ୍ତା ମାସ ୧୯ ତାରିଖରୁ ଏସିଆନ୍ ଗେମ୍ସ ଆରମ୍ଭ ହୋଇ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ।